ଦ୍ରୋଣଙ୍କର ଅର୍ଜୁନକୁ ବ୍ରହ୍ମଶିରା ଶର ପ୍ରଦାନ
ଶୁଣ ହୋ ରାଜନ ସନ୍ତୋଷ ହୋଇ ଗୁରୁ କୂଳେ ଯାଇ ଉଠି
ବ୍ରହ୍ମଶିରା ଶର ଦିଲେକ କିରଟୀ । ୧ ।
ସାମାନ୍ୟକଇ ପେଷିଲେ ଆପଣା ପ୍ରାଣ ନାଶ ଯାଇ
ମହାତ୍ମା ଜନ ହୋଇଲେ ସେ ନିଷ୍ଚୟେ ନଶଇ । ୨ ।
ତହୁଂଣ ଗମନ କରି ଆସନ୍ତି ଗୁରୁ ଶିଷ୍ୟେ
ସେହି ବଟବୃକ୍ଷ ତଳେ ହୋଇଲେ ପ୍ରବେଶେ । ୩ ।
ଦେଖିଲେ ଶାଖା ହୋଇଅଛି ମୁଣ୍ଡିତ
ହୃଦଗତେ ବିଚାରି ଜାଣିଲେ ଋଷସୁତ । ୪ ।
ଅର୍ଜୁନକଇଂ ହକାରି ବୋଇଲେ ବଚନ
ଆମ୍ଭର ବଚନ ତୁ ଲଘିଂଲୁ ବିଦ୍ୟମାନ । ୫ ।
କରପତ୍ର ଯୋଡି ସେ ବୋଇଲା ଅରଜୁନ
ତୁମ୍ଭର ବଚନ ମୋତେ ଶିରାଗ୍ରତ ଜାଣ । ୬ ।
ଭୂମିଗତେ ମୁଂ ଯେ ନ ଥୋଇଲି ତିଳ ଖୋରି
ପଞ୍ଚ ନାରାଜ ବିନ୍ଧି କୁରୁଳି ଥୋଇଲି ଗଗନ ଚାରି । ୭ । ସଂଖ୍ୟା
ଶୁଣିଣ ଗୁରୁ ଯେ ହୋଇଲେ ସନ୍ତୋଷ
ମନ ଛେଦନ ମନ୍ତ୍ର କହିଲେ ଉପଦେଶ । ୮ ।
ମୁଖେ ଚୁମ୍ବନ ଦେଇ ଶରୀର ଆଉଂଶି
ତହୁଂ ଆସି ନିଜ ମନ୍ଦିରେଣ ପଶି । ୯ ।
ଶିଷ୍ୟମାନେ ଗଲେ ଯେ ଯାହା ନିଜ ବାସ
ଗୃହକର୍ମେ ଯାଇ ଗୁରୁ ହୋଇଲେ ପରବେଶ । ୧୦-୩୬୮୪ ।
---------

୨ ।୨ ମହା ଶତ୍ରୁକୁ ସେ ଯେ ୟେ ଶର ବିନ୍ଧଇ ।
୬ ।୨ ତୁମ୍ଭର ବଚନ ମେଣ୍ଟିବାକୁ ମୁଂ ନୋହଇ ଭାଜନ ।
୭ ।୨ ପଞ୍ଚନାରାଜ ବିନ୍ଧି ଥୋଇଲି ଗଗନ ଚାରି ।
୯ ।୧ ମୁଖେ ଚୁମ୍ବନ ଦେଇ ବଚନ ଆଶ୍ୱାସି ।

**********